**ଭାରତର ପ୍ରଧାନମନ୍ତ୍ରୀଙ୍କ ସାଇପ୍ରସ୍ ଗଣରାଜ୍ୟ, କାନାଡା ଏବଂ କ୍ରୋଏସିଆ ଗସ୍ତ (15-19 ଜୁନ୍, 2025)**

ଜୁନ୍ 14, 2025

ସାଇପ୍ରସ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ ଶ୍ରୀ ନିକୋସ୍ କ୍ରିଷ୍ଟୋଡୋଲାଇଡ୍‌ସଙ୍କ ଆମନ୍ତ୍ରଣ କ୍ରମେ, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 15-16 ଜୁନ୍, 2025 ରେ ସାଇପ୍ରସକୁ ଔପଚାରିକ ଗସ୍ତ କରିବେ। ଦୁଇ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଏହା କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଥମ ସାଇପ୍ରସ ଗସ୍ତ ହେବ।  ନିକୋସିଆରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି କ୍ରିଷ୍ଟୋଡୋଲାଇଡ୍‌ସଙ୍କ ସହ ଆଲୋଚନା କରିବେ ଏବଂ ଲିମାସୋଲରେ ବ୍ୟବସାୟ ନେତୃବୃନ୍ଦଙ୍କୁ ସମ୍ବୋଧିତ କରିବେ।  ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଗଭୀର କରିବ ଏବଂ ଭୂମଧ୍ୟସାଗରୀୟ କ୍ଷେତ୍ର ଓ ୟୁରୋପିଆନ ୟୁନିଅନ୍ ସହିତ ଭାରତର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଭୟ ଦେଶର ସହଭାଗୀ ପ୍ରତିଶ୍ରୁତିବଦ୍ଧତାକୁ ପୁଷ୍ଟି କରିବ।

2. କାନାଡାର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ମାର୍କ କାର୍ନୀଙ୍କ ଆମନ୍ତ୍ରଣରେ ତାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ, G-7 ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ଜୁନ୍ 16-17 ରେ କାନାଡାର କନାନସ୍କିସ ଗସ୍ତ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ G-7 ଶିଖର ସମ୍ମିଳନୀରେ ଲଗାତାର ଷଷ୍ଠ (6th) ଅଂଶଗ୍ରହଣ ହେବ।  ଏହି ଶିଖର ସମ୍ମିଳନୀରେ, ପ୍ରଧାନମନ୍ତ୍ରୀ G-7 ଦେଶର ନେତୃବୃନ୍ଦ, ଅନ୍ୟାନ୍ୟ ଆମନ୍ତ୍ରିତ ଆଉଟରିଚ୍ ଦେଶ ଓ ଆନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନଙ୍କ ସହିତ ଶକ୍ତି ସୁରକ୍ଷା, ପ୍ରଯୁକ୍ତି ଓ ଅଭିନବତା, ବିଶେଷ କରି AI-ଏନର୍ଜି ନେକ୍ସସ୍ ଓ କ୍ୱାଣ୍ଟମ୍ ସମ୍ବନ୍ଧିତ ସମସ୍ୟା ସମେତ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ବିଚାର ଆଦାନପ୍ରଦାନ କରିବେ।  ଏହି ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଅନେକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିବେ।

3.ଗସ୍ତର ଅନ୍ତିମ ପର୍ଯ୍ୟାୟରେ, କ୍ରୋଏସିଆ ଗଣରାଜ୍ୟର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ଆନ୍ଦ୍ରେଜ ପ୍ଲେଙ୍କୋଭିଚଙ୍କ ଆମନ୍ତ୍ରଣ କ୍ରମେ, ପ୍ରଧାନମନ୍ତ୍ରୀ 18 ଜୁନ୍ 2025ରେ କ୍ରୋଏସିଆକୁ ଔପଚାରିକ ଗସ୍ତ କରିବେ।  ଏହା ପ୍ରଥମ ଥର ପାଇଁ କ୍ରୋଏସିଆକୁ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଗସ୍ତ ହେବ, ଯାହାକି ଦ୍ୱିପାକ୍ଷିକ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଭାରତର ପ୍ରଧାନମନ୍ତ୍ରୀ କ୍ରୋଏସିଆର ପ୍ରଧାନମନ୍ତ୍ରୀ ପ୍ଲେଙ୍କୋଭିଚଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ, କ୍ରୋଏସିଆର ରାଷ୍ଟ୍ରପତି ମହାମହିମ ଶ୍ରୀ ଜୋରାନ ମିଲାନୋଭିଚଙ୍କ ସହିତ ସାକ୍ଷାତ କରିବେ।  କ୍ରୋଏସିଆ ଗସ୍ତ ୟୁରୋପିଆନ ୟୁନିଅନର ଅଂଶୀଦାରମାନଙ୍କ ସହ ନିଜର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ମଧ୍ୟ ଦର୍ଶାଇବ।

ନୂଆଦିଲ୍ଲୀ

ଜୁନ୍ 14, 2025